# NATIONAL NEWS BULLETIN (ODIA)
## 25 August - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ମହିଳାଙ୍କ ଜୀବନ ଓ ମର୍ଯ୍ୟାଦା ରକ୍ଷା କରିବା ସମାଜ ଓ ସରକାରଙ୍କ ଦାୟିତ୍ୱ; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

– ୧୧ ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ବଣ୍ଟନ କଲେ ପ୍ରମାଣପତ୍ର

- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଦେଶକୁ ନିଶାମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ଏବେ ପାଲଟିଛି ଦେଶବାସୀଙ୍କ ସଂକଳ୍ପ ।
- ପ୍ରଧାନମନ୍ତ୍ରୀଙ୍କ ଏକୀକୃତ ପେନସନ୍ ସ୍କିମ୍- ୟୁପିଏସ୍‌କୁ ଅନୁମୋଦନକୁ ବିଜେପି ଏବଂ ସର୍ବଭାରତୀୟ ରେଳ କର୍ମଚାରୀ ମହାସଂଘର ସ୍ୱାଗତ
- ଜନ୍ମାଷ୍ଟମୀ ପୂର୍ବ ସନ୍ଧ୍ୟାରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି

ଏବଂ

- ପାରା ଅଲିମ୍ପିକ୍ସରେ ଭାଗ ନେଉଥିବା ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ସମର୍ଥନ କରିବାକୁ ଦେଶବାସୀଙ୍କୁ ଅନୁରୋଧ କଲେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ

# ପିଏମ୍ ମହାରାଷ୍ଟ୍ର-ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ଜଳଗାଓଁରେ ଆୟୋଜିତ କାର୍ଯ୍ୟକ୍ରମରେ ୧୧ ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ବଣ୍ଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଲକ୍ଷପତି ଦିଦିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ବ୍ୟବସାୟ ବିଷୟରେ ଆଲୋଚନା କରିଥିଲେ । ଦେଶରେ ଯେଉଁ ଲକ୍ଷପତି ଦିଦିଙ୍କ ସଂଖ୍ୟା ୧ କୋଟିରୁ ଅଧିକ, ସେମାନେ ବାର୍ଷିକ ଏକ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ଏନ୍‌ଡିଏ ସରକାରଙ୍କ ତୃତୀୟ ପାଳିରେ ୧୧ ଲକ୍ଷ ନୂଆ ଲକ୍ଷପତି ଦିଦି, ନିକଟରେ ଲକ୍ଷପତି ହୋଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୨ ହଜାର ୫୦୦ କୋଟି ଟଙ୍କାର ଗୋଷ୍ଠୀ ନିବେଶ ପାଣ୍ଠି ଉନ୍ମୋଚନ କରିଥିଲେ। ଯାହା ଦ୍ୱାରା ୪ ଲକ୍ଷ ୩୦ ହଜାର ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୪୮ ଲକ୍ଷ ସଦସ୍ୟ ଉପକୃତ ହେବେ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ମଧ୍ୟ ଜାରି କରିଛନ୍ତି, ଯାହା ଦ୍ୱାରା ୨ ଲକ୍ଷ ୩୫ ହଜାର ୪୦୦ ସ୍ୱୟଂ ସହାୟକ ଗୋଷ୍ଠୀର ୨୫ ଲକ୍ଷ ୮୦ ହଜାର ସଦସ୍ୟ ଉପକୃତ ହେବେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତର ମହିଳା ଶକ୍ତି ସର୍ବଦା ସମାଜ ଏବଂ ରାଷ୍ଟ୍ରର ଭବିଷ୍ୟତ ନିର୍ମାଣରେ ଅବଦାନ ଦେଇଆସିଛି ।

ସେ କହିଛନ୍ତି, ଏକଦା ମହିଳାଙ୍କ ପାଇଁ ସୀମିତ ଥିବା ସମସ୍ତ କ୍ଷେତ୍ରକୁ ମହିଳାଙ୍କ ପାଇଁ ଉନ୍ମୁକ୍ତ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ସଶକ୍ତିକରଣ ସହିତ ମହିଳାଙ୍କ ସୁରକ୍ଷା ଦେଶର ସର୍ବୋଚ୍ଚ ପ୍ରାଥମିକତା ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ କହିଛନ୍ତି, ମହିଳାଙ୍କ ଉପରେ ଅତ୍ୟାଚାର ଏକ ଅକ୍ଷମଣୀୟ ପାପ ଏବଂ କୌଣସି ପରିସ୍ଥିତିରେ ଦୋଷୀଙ୍କୁ ଛଡ଼ାଯିବା ଉଚିତ୍ ନୁହେଁ । ହସ୍ପିଟାଲ, ସ୍କୁଲ, ଅଫିସ କିମ୍ବା ପୁଲିସ ବ୍ୟବସ୍ଥା ଭଳି ସରକାରୀ ଅନୁଷ୍ଠାନକୁ ଏଥିପାଇଁ ଉତ୍ତରଦାୟୀ କରାଯିବା ଉଚିତ ଏବଂ ସେମାନଙ୍କର କୌଣସି ଅବହେଳା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି ।

ଏକ ସମାଜ ଏବଂ ସରକାର ଭାବରେ ଆମର ସବୁଠାରୁ ବଡ ଦାୟିତ୍ୱ ମହିଳାଙ୍କ ଜୀବନ ଏବଂ ମର୍ଯ୍ୟାଦା ରକ୍ଷା କରିବାଉଚିତ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆୟୋଜିତ ଉତ୍ସବରେ ମହାରାଷ୍ଟ୍ର ରାଜ୍ୟପାଳ ସି.ପି.ରାଧାକ୍ରିଷ୍ଣନ୍, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ଏବଂ ଅଜିତ ପାୱାର ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭର୍ଚୁଆଲ୍ ମାଧ୍ୟମରେ ଦେଶର ୩୪ଟି ରାଜ୍ୟ ଓ

କେନ୍ଦ୍ରଶାସିତ ଅଞ୍ଚଳର ପ୍ରାୟ ୩୦ ହଜାର ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ

କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ଛତିଶଗଡ଼ର ନବ ରାୟପୁରରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ -ଏନ୍.ସି.ବି.ର ଆଞ୍ଚଳିକ ଶାଖା କାର୍ଯ୍ୟାଳୟକୁ ଆଭାସୀ ଜରିଆରେ ଉଦଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଛତିଶଗଡ଼ର ମାଦକ ଦ୍ରବ୍ୟ ସ୍ଥିତି ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଓ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମାଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ଭାରତର ସ୍ୱାଧୀନତାର ଶତବାର୍ଷିକୀ ୨୦୪୭ ସୁଦ୍ଧା ଦେଶକୁ ନିଶାମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ଏବେ ପ୍ରତ୍ୟେକ ଦେଶବାସୀଙ୍କ ସଂକଳ୍ପ ପାଲଟିଛି । ସେ କହିଛନ୍ତି, ନିଶା ଦ୍ରବ୍ୟର ବେଆଇନ କାରବାର ଜାତୀୟ ନିରାପତ୍ତା ସହ ଜଡ଼ିତ । ଏଥିରୁ ଅର୍ଜିତ ଅର୍ଥ ଆତଙ୍କବାଦ ଓ ମାଓବାଦକୁ ପ୍ରୋତ୍ସାହିତ କରିବା ସହ ଦେଶର ଅର୍ଥନୀତିକୁ ଦୁର୍ବଳ କରୁଛି । ସେ

କହିଛନ୍ତି, ବେଆଇନ ବାଣିଜ୍ୟ ନେଟୱାର୍କକୁ ଯଥାଶୀଘ୍ର ଉଚ୍ଛେଦ କରିବାର ଆବଶ୍ୟକତା ରହିଛି । ଏହା ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନୀତି ନେଇ ଆଗକୁ ବଢ଼ିବେ ବୋଲି ସେ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ତାଙ୍କ ଛତିଶଗଡ଼ ଗସ୍ତ ସମୟରେ ନବ ରାୟପୁରରେ 'ପିପଲ ଫର୍ ପିଉପୁଲ୍' ଅଭିଯାନର ଶୁଭାରମ୍ଭ କରିଛନ୍ତି। 'ଏକ ପେଡ୍ ମା କେ ନାମ' ଅଭିଯାନ ଅଧୀନରେ ଏହି ଅଭିଯାନ ଚାଲିଛି । ଏହା ଅଧୀନରେ ଏହି ଅଞ୍ଚଳରେ ସ୍ଥାନୀୟ ପ୍ରଜାତିର ଏକ ଲକ୍ଷରୁ ଅଧିକ ଗଛ ଲଗାଯିବ। ବର୍ତ୍ତମାନ ସୁଦ୍ଧା ଏଠାରେ ୨୧ ହଜାରରୁ ଅଧିକ ପିପଳି ଗଛ ଲଗାଯାଇଛି।

## ଚିରାଗ ପାଶୱାନ- ପ୍ରେସିଡେଣ୍ଟ

କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ ଆଜି ପୁଣି ଥରେ ଲୋକ ଜନଶକ୍ତି ପାର୍ଟି (ରାମ ବିଲାସ)ର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ରାଞ୍ଚିରେ ଅନୁଷ୍ଠିତ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ହରିୟାଣା, ଜମ୍ମୁ କଶ୍ମୀର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନେଇ ମଧ୍ୟ ଆଲୋଚନା ହୋଇଥିବା ଚିରାଗ ପାଶୱାନ କହିଛନ୍ତି। ଶ୍ରୀ ପାଶ୍ୱାନ କହିଛନ୍ତି, ଝାଡ଼ଖଣ୍ଡରେ ଦଳ ବିଜେପି ସହ ମେଣ୍ଟ କରିପାରେ କିମ୍ବା ଏକାକୀ ନିର୍ବାଚନ ଲଢ଼ିପାରେ।

## ବିଜେପି-କଂଗ୍ରେସ

ଏକୀକୃତ ପେନ୍‌ସନ୍ ସ୍କିମ୍– ୟୁପିଏସ୍ କୁ ଅନୁମୋଦନ ଦେଇଥିବାରୁ ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛି। ବିଜେପିର ବରିଷ୍ଠ ନେତା ରବିଶଙ୍କର ପ୍ରସାଦ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ସମ୍ବେଦନଶୀଳ ଅଟନ୍ତି ଏବଂ କର୍ମଚାରୀଙ୍କ ଦାବି ଶୁଣିଛନ୍ତି ଓ ଏକ କମିଟି ଗଠନ କରିଛନ୍ତି।  ଏହାର ରିପୋର୍ଟକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିବା ସେ କହିଛନ୍ତି।

ପୁରୁଣା ପେନସନ୍ ଯୋଜନାକୁ ନେଇ ମଧ୍ୟ ଶ୍ରୀ ପ୍ରସାଦ କଂଗ୍ରେସକୁ ସମାଲୋଚନା କରିଛନ୍ତି। କଂଗ୍ରେସ ଓ ଦଳୀୟ ନେତା ରାହୁଲ ଗାନ୍ଧି ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଗତ ଦୁଇ ବର୍ଷ ମଧ୍ୟରେ ହିମାଚଳ ପ୍ରଦେଶରେ ପୁରୁଣା ପେନସନ ଯୋଜନା କାହିଁକି କାର୍ଯ୍ୟକାରୀ କରାଗଲା ନାହିଁ ବୋଲି ଶ୍ରୀ ପ୍ରସାଦ ପ୍ରଶ୍ନ କରିଛନ୍ତି।

## ଏଆଇଆର୍‌ଏଫ୍-ୟୁପିଏସ୍

କେନ୍ଦ୍ର ସରକାରଙ୍କ ଦ୍ୱାରା ଏକୀକୃତ ପେନସନ୍ ସ୍କିମ୍–ୟୁପିଏସ୍‌କୁ ଅନୁମୋଦନ ମିଳିଥିବାରୁ ସର୍ବଭାରତୀୟ ରେଳକର୍ମଚାରୀ ମହାସଂଘ ସ୍ୱାଗତ କରିଛି। ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ.ଆଇ.ଆର.ଏଫ ସାଧାରଣ ସମ୍ପାଦକ ଶିବ ଗୋପାଳ ମିଶ୍ର କହିଛନ୍ତି,

ପ୍ରାୟ ୨୩ ଲକ୍ଷ ସରକାରୀ କର୍ମଚାରୀ ଏହି ଯୋଜନାଦ୍ୱାରା ଉପକୃତ ହେବେ। ଶ୍ରୀ ମିଶ୍ର କହିଛନ୍ତି, ୟୁ.ପି.ଏସ୍ କର୍ମଚାରୀଙ୍କ ପରାମର୍ଶ ଏବଂ ଅନୁରୋଧ ପ୍ରତି ସଚେତନ ରହିଛି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ସହ ସେ ସେମାନଙ୍କ ଦାବିକୁ ଗ୍ରହଣ କରିଥିବା ଓ ସେମାନଙ୍କ ସହ ଆଲୋଚନା କରିଥିବା କହିଛନ୍ତି।

ଶ୍ରୀ ମିଶ୍ର ଆକାଶବାଣୀ ନ୍ୟୁଜ୍ ସହ କଥାବାର୍ତ୍ତା କରି କହିଛନ୍ତି ଯେ ସଂଶୋଧିତ ବ୍ୟବସ୍ଥା ସରକାରୀ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଚାକିରି ସୁରକ୍ଷା ପ୍ରଦାନ କରିବ।

## ପ୍ରୋଟେଷ୍ଟିଙ୍ଗ-ଅନସାର

ବାଂଲାଦେଶରେ ଅର୍ଦ୍ଧସାମରିକ ବାହିନୀ ‘ବାଂଲାଦେଶ ଅନସାର’ର ଯବାନମାନେ ଢାକାସ୍ଥିତ କେନ୍ଦ୍ରୀୟ ସଚିବାଳୟକୁ ଅବରୋଧ କରିବାରୁ ଏହାର କାର୍ଯ୍ୟକଳାପ ବନ୍ଦ ରହିଛି।

ବାଂଲାଦେଶର ଏକ ଘରୋଇ ନ୍ୟୁଜ୍ ଏଜେନ୍ସିର ରିପୋର୍ଟ ଅନୁଯାୟୀ, ଦିନ ୧୨ଟା ପରେ ଆରମ୍ଭ ହୋଇଥିବା ଏହି ବିକ୍ଷୋଭରେ ଅନସାର’ର ସଦସ୍ୟମାନେ ସଚିବାଳୟ ଓ ଏହାର ବିଭିନ୍ନ ଗେଟ୍ ସମ୍ମୁଖରେ ନିଜକୁ ଛିଡ଼ା ହୋଇ ପ୍ରଶାସନିକ କେନ୍ଦ୍ରକୁ ଅବରୋଧ କରିଥିଲେ। ବାଂଲାଦେଶରେ ରବିବାର  ହେଉଛି ସପ୍ତାହର ପ୍ରଥମ କାର୍ଯ୍ୟଦିବସ। ସଚିବାଳୟର ୫ଟି ଯାକ ଗେଟ୍ ଅବରୋଧ କରିଥିବାରୁ ସରକାରୀ ଅଧିକାରୀ ଓ

କର୍ମଚାରୀମାନେ ଭିତରେ ଫଶି ରହିଛନ୍ତି। ପରିସରରୁ କେହି ବାହାରି ପାରୁନାହାନ୍ତି କି ଭିତରକୁ ପ୍ରବେଶ କରିପାରୁନାହାନ୍ତି, ଯାହା ଫଳରେ ଭିତରେ ଥିବା ଲୋକମାନଙ୍କ ଅବସ୍ଥା ଆହୁରି ଗମ୍ଭୀର ହୋଇଛି। ସେମାନଙ୍କ ଚାକିରିର କେତେକ ସର୍ତ୍ତ ପୂରଣ ଦାବିରେ ଅନସାର ବାହିନୀ ଗତ ଦୁଇ ଦିନ ହେବ ଆନ୍ଦୋଳନ ଜାରି ରଖିଛନ୍ତି। ଦୀର୍ଘ ଦିନ ଧରି ଭେଦଭାବର ସମ୍ମୁଖୀନ ହେଉଥିବା ସେମାନେ ଦାବି କରିଛନ୍ତି ଏବଂ କହିଛନ୍ତି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପୂର୍ବ ପ୍ରତିଶ୍ରୁତି ପୂରଣ ହୋଇନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକାରୀମାନେ ଅବରୋଧ ଜାରି ରଖିବେ ବୋଲି  କହିଛନ୍ତି।

# ଭିପି- ଜନ୍ମାଷ୍ଟମୀ

ଜନ୍ମାଷ୍ଟମୀ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀ ଏବଂ ବିଦେଶରେ ରହୁଥିବା ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଆନନ୍ଦର ଏହି ପର୍ବ ଆମକୁ ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟ ଆଦର୍ଶରେ ନିଜକୁ ସମର୍ପିତ କରିବାକୁ ପ୍ରେରଣା ଦେଇଥାଏ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ସଂଳାପ ଶ୍ରୀମଦ୍ ଭଗବତ ଗୀତା ସମଗ୍ର ମାନବଜାତି ପାଇଁ ପ୍ରେରଣା ଓ ଜ୍ଞାନର ଏକ ଚିରନ୍ତନ ଉତ୍ସ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି। ଭଗବାନ ଶ୍ରୀକୃଷ୍ଣଙ୍କ ଶିକ୍ଷାକୁ ଗ୍ରହଣ କରିବା ସହ ଦେଶର

ପ୍ରଗତି ଓ ସମୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ସଂକଳ୍ପ ନେବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ୍ୟ ଏହି ଉପଲକ୍ଷେ ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତାରେ ଶ୍ରୀ ଧନଖଡ଼ କହିଛନ୍ତି, ଜନ୍ମାଷ୍ଟମୀ ହେଉଛି ଏକ ଗଭୀର ଆଧ୍ୟାତ୍ମିକ ମହତ୍ତ୍ୱପୂର୍ଣ୍ଣ ଦିନ ଯାହା ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମକୁ ପ୍ରତିଫଳିତ କରିଥାଏ। ଭଗବାନ ଶ୍ରୀକୃଷ୍ଣ ଦିବ୍ୟ ପ୍ରେମ, ଜ୍ଞାନ ଏବଂ ଧାର୍ମିକତାର ପ୍ରତୀକ ଅଟନ୍ତି । ଉପରାଷ୍ଟ୍ରପତି କହିଛନ୍ତି, ଏହି ପର୍ବ ଧର୍ମର ଚିରନ୍ତନ ମୂଲ୍ୟବୋଧ, ମନ୍ଦ ଉପରେ ଭଲର ବିଜୟ ଏବଂ ସତ୍ୟ ଓ କରୁଣାରେ ଜଡ଼ିତ ଜୀବନ ଯାପନର ଗୁରୁତ୍ୱକୁ ମନେ ପକାଇଥାଏ ।

## ହିଜ୍‌ବୁଲ୍ଲା ଲଞ୍ଚ୍‌ଡ ଆଟାକ

ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ହିଜବୁଲ୍ଲା' ଇସ୍ରାଏଲ ବିରୋଧରେ ପ୍ରତିଶୋଧମୂଳକ ଆକ୍ରମଣ ଆରମ୍ଭ କରିଛି। ହିଜବୁଲ୍ଲାର ଜଣେ ଉଚ୍ଚ ପଦସ୍ଥ ସାମରିକ ନେତା ଫୌଆଦ ଶୁକୁରଙ୍କ ହତ୍ୟାର ଜବାବରେ ହିଜବୁଲ୍ଲା ଏହି ଆକ୍ରମଣ କରିଥିବା ଜଣାପଡ଼ିଛି। ଗତ ଜୁଲାଇ ୩୦ ତାରିଖରେ ବେରୁତର ଦକ୍ଷିଣ ଉପକଣ୍ଠରେ ଶୁକୁରଙ୍କ ମୃତ୍ୟୁର ତିନି ସପ୍ତାହରୁ ଅଧିକ ସମୟ ପରେ ଆଜି ସକାଳେ ଏହି ଆକ୍ରମଣ କରାଯାଇଛି।

ହିଜବୁଲ୍ଲା ପକ୍ଷରୁ ଜାରି ବିବୃତି ଅନୁଯାୟୀ, ସଙ୍ଗଠନ ଇସ୍ରାଏଲ ଅଞ୍ଚଳରେ ବହୁ ସଂଖ୍ୟକ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ବ୍ୟବହାର କରି ଆକ୍ରମଣ କରିଥିଲା। ତେବେ କ୍ଷୟକ୍ଷତି ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ସୂଚନା ମିଳିପାରିନାହିଁ।

ଇତିମଧ୍ୟରେ ଇସ୍ରାଏଲ ଘୋଷଣା କରିଛି, ହିଜବୁଲ୍ଲା ଆକ୍ରମଣ ପୂର୍ବରୁ ଲେବନାନରେ ୧୦୦ଟି ଲଢୁଆ ବିମାନ ବ୍ୟବହାର କରି ଆଗୁଆ ଆକ୍ରମଣ କରାଯାଇଥିଲା। ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି, ପୂର୍ବରୁ ଇସ୍ରାଏଲ ବିରୋଧରେ ବଡ଼ ଧରଣର ଆକ୍ରମଣ ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ବୋମା ବିସ୍ଫୋରଣ କରାଯାଇ ହିଜବୁଲ୍ଲାର ହଜାର ହଜାର ରକେଟ୍ ନଷ୍ଟ କରାଯାଇଛି ଏବଂ ଇସ୍ରାଏଲର ବିଭିନ୍ନ ସ୍ଥାନ ଉପରେ ରକେଟ୍ ମାଡ଼ ପାଇଁ ପ୍ରସ୍ତୁତ ହୋଇଥିବା ୪୦ରୁ ଅଧିକ ଉତ୍କ୍ଷେପଣସ୍ଥଳୀକୁ ନଷ୍ଟ କରିଦିଆଯାଇଛି।

## ମାଣ୍ଡବ୍ୟ- ପାରା ଅଲିମ୍ପିକ୍ସ

ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଭାଗ ନେଉଥିବା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କୁ ସମର୍ଥନ

କରିବାକୁ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ୮୪ ଜଣ ଆଥଲେଟଙ୍କୁ ନେଇ ଗଠିତ ଦେଶର ସର୍ବବୃହତ ଦଳ ଏହି ପାରା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବ। ସେ ଆହୁରି ମଧ୍ୟ କହିଛନ୍ତି, ସମସ୍ତ ଦେଶବାସୀ 'ଚିୟର ଫର୍ ଭାରତ' ସ୍ଲୋଗାନ ଦେବା ଉଚିତ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିବା ଉଚିତ୍।